# ପାଠ-୮-ପ୍ରବନ୍ଧ : ସଭ୍ୟତା ଓ ବିଜ୍ଞାନ

## ଲେଖକ- ବଂଶୀଧର ସାମନ୍ତରାୟ

## ଶ୍ରେଣୀ – ଦଶମ

## ପ୍ରଥମ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**General Objectives –** (ସାଧାରଣ ଆଭିମୁଖ୍ୟ) – **ପ୍ରାଚୀନ ସଭ୍ୟତା ବିକଶିତ ହୋଇ ବିଜ୍ଞାନ ବଳରେ ଆଜି ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଛି । ସୁତରାଂ ସଭ୍ୟତା ଓ ବିଜ୍ଞାନ ପରସ୍ପର ଆଶ୍ରୟୀ ।**


**Specific Objectives - ବିଶେଷ ଆଭିମୁଖ୍ୟ :**

ବିଭିନ୍ନ ଦେଶର ସଭ୍ୟତା ସଂପର୍କରେ ସମ୍ୟକ୍ ଜ୍ଞାନ ସହ ଭାରତୀୟ ସଭ୍ୟତାର ଆଦର୍ଶ ଓ ବୈଶିଷ୍ଟ୍ୟ ପ୍ରତିପାଦିତ ।

ବିଜ୍ଞାନର ବିଭିନ୍ନ ଦିଗ ଆଲୋଚିତ ।

ବିଜ୍ଞାନ ସମ୍ବନ୍ଧୀୟ ଅନେକ ତଥ୍ୟ ଜ୍ଞାତ ତଥା ବିଜ୍ଞାନକୁ ମଣିଷ କିପରି ଧ୍ୱଂସ ପଥରେ ନିୟୋଜିତ କରୁଛି ତାର ସମ୍ୟକ୍ ଧାରଣା ଦେବା ସହ ବ୍ୟାକରଣଗତ ଶବ୍ଦ, କ୍ଲିଷ୍ଟ ଶବ୍ଦ ତଥା ଅନେକ ନୂତନ ତଥ୍ୟ ସମ୍ବନ୍ଧରେ ଆଲୋଚନା ।





# ପ୍ରାଚୀନ ସଭ୍ୟତା

ODM EDUCATIONAL GROUP
Changing your Tomorrow

## Expected Learning Outcome:

୧.  ପ୍ରାଚୀନ ସଭ୍ୟତା ଗୁଡିକ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ।

୨.  ଆଜିର ଯୁଗରେ ବିଜ୍ଞାନର ଭୂମିକା ଏବଂ ଉପାଦେୟତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ହୃଦ୍‌ବୋଧ କରାଇବା

୩.  ସଭ୍ୟତା ଏବଂ ବିଜ୍ଞାନ କିଭଳି ପରସ୍ପର ଆଶ୍ରୟୀ ସେ ସଂପର୍କରେ ଧାରଣା ଦେବା ।

ODM EDUCATIONAL GROUP
Changing your Tomorrow

**ପ୍ରବନ୍ଧ ଉପସ୍ଥାପନା ଏବଂ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ।**

ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧଟି ୧୯୪୨ ସାଲ୍ ଜ୍ୟେଷ୍ଠ ସଂଖ୍ୟା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା ।

ଆଭିମୁଖ୍ୟ – ସଭ୍ୟତା ଅନ୍ୱେଷଣରେ ପଥ ପ୍ରଦର୍ଶକ ହୋଇଥିବା ବିଜ୍ଞାନକୁ ଅବଲମ୍ବନ କରି ଆଧୁନିକ ଯୁଗରେ ମଣିଷ ଉନ୍ନତ ହେବା ସମ୍ଭବ ବୋଲି ଆଲୋଚ୍ୟ ପ୍ରବନ୍ଧରେ ପ୍ରତିପାଦିତ କରାଯାଇଛି ।

ODM EDUCATIONAL GROUP
Changing your Tomorrow







# ସଭ୍ୟତା ଓ ବିଜ୍ଞାନ







ODM
EDUCATIONAL GROUP
Changing your Tomorrow



# ଉପକ୍ରମ

- 'ବିଷେଷ ଜ୍ଞାନ' ଅର୍ଜନ ଫନ୍ଥାର ସମଭିବ୍ୟାହାରେ ରହିଛି ବୈଜ୍ଞାନିକ ମତଧାରା ବା ବିଜ୍ଞାନୀ ଦୃଷ୍ଟିକୋଣ ।
- ତର୍କାନୁମୋଦିତ ତଥା ପ୍ରାୟୋଗିକତା ବିଶ୍ଳେଷରେ ଯେଉଁ ତତ୍ତ୍ୱମାନ ଅନୁଶୀଳନ କରାଯିବା ସହ ସତ୍ତ୍ୱର ଅବଗାହନ ହୁଏ, ତହିଁରୁ ବିଜ୍ଞାନର ପରିଚିତି ମିଳେ ।
- ପ୍ରାକ୍ତନ ସଭ୍ୟତାର ଯନ୍ତ୍ରହୀନ ଜୀବନ ଯେ ବିଜ୍ଞାନ-ବହିର୍ଭୂତ ଥିଲା ତାହା କହିବା ଅଯୌକ୍ତିକ । କାରଣ , ବିଜ୍ଞାନର ଆବିର୍ଭାବ ଏଇ ସଭ୍ୟତାମାନଙ୍କ ପୃଷ୍ଠଭୂମିରୁ ହୁଏ ।
- ସମସ୍ତ ସଭ୍ୟତାର ମୂଳଭିତ୍ତିରେ ବିଜ୍ଞାନର ଅନେକତ୍ର ଭୂମିକା ରହିଛି । ଇତିହାସର ପୃଷ୍ଠା ଗୁଡିକ ସେହିପରି ନାନାବିଧ ଦୃଷ୍ଟାନ୍ତ ବହନ କରିଛି ।

ODM EDUCATIONAL GROUP
Changing your Tomorrow



# ଅର୍ବାଚୀନରୁ ଆଧୁନିକ : ବିଜ୍ଞାନ



- ପ୍ରାଚ୍ୟ, ପାଶ୍ଚାତ୍ତ୍ୟ, ମଧ୍ୟପ୍ରାଚ୍ୟ ରାଷ୍ଟ୍ରମାନଙ୍କରେ ବିଜ୍ଞାନର ଧାରା ଅନେକତ୍ର ମିଳେ । ମଧ୍ୟପ୍ରାଚ୍ୟ ସଭ୍ୟତାରୁ ହିଁ ଆଦିମ ଚକ୍ରର ଉଦ୍ଭାବନ ହୁଏ, ଯେଉଁ ସଭ୍ୟତା ଥିଲା ମେସୋପୋଟାମିଆ ନାମରେ ଖ୍ୟାତ ।
- କେବଳ ଏତିକି ନୁହେଁ, କ୍ରମଶଃ ଏହି ଚକ୍ରର ଆବିର୍ଭାବ ଫଳରେ ମଟରଯାନ, ବ୍ୟୋମଯାନ, ସାଇକେଲ୍ , ଏପରିକି ଚକ୍ର-ଚାଳିତ ଯନ୍ତ୍ରପାତିମାନଙ୍କ ଉଦ୍ଭାବନ ଖୁବ୍ ଅନାୟାସରେ ହୋଇପାରିଛି।
- ଦୃଷ୍ଟାନ୍ତସ୍ୱରୂପ, ସେହିପରି ଦୂରଦର୍ଶନ **(Television)**, ବିଦ୍ୟୁତ୍ - ଚାଳିତ ବର୍ତ୍ତିକା **(Electric Bulb)**, ଘୂର୍ଣ୍ଣାୟମାନ ତନ୍ତୁବାୟ ବିଶେଷ **(Spinning Jenny)** ସଭ୍ୟତାରେ ଅନେକ ପରିବର୍ତ୍ତନ ଆଣିଥିଲେ ।
- ପଣ୍ୟଦ୍ରବ୍ୟ ବହନଠୁ ନେଇ ରେଳଯାତ୍ରା -- ବିଦ୍ୟୁତ୍-ବନ୍ତ ବର୍ତ୍ତିକାର ଆବିର୍ଭାବ ସହ ବିଦ୍ୟୁତ୍ ଓ ତାପଚାଳିତ ଯନ୍ତ୍ରମାନଙ୍କ ଆବିଷ୍କାର ସମାଜକୁ ଏକ ନୂତନ ଦିଗନ୍ତ ଦେଇଛି ।


ODM
EDUCATIONAL GROUP
Changing your Tomorrow

- ଅତୀତରେ ଧର୍ମ, ବର୍ଣ୍ଣ, ଅଛୁବ ଶ୍ରେଣୀ ଭାବରେ ସବୁ ଅନ୍ଧ ବିଶ୍ୱାସ ଓ ତହିଁରୁ ଦୁର୍ଜ୍ଞେୟ ବିଶ୍ୱାସର ମୂଳୋତ୍ପଟନ ବିଜ୍ଞାନ ଦ୍ୱାରା ସମ୍ଭବପର ହୋଇଥିଲା ।

- ପାଶ୍ଚାତ୍ୟ ସଭ୍ୟତାର କ୍ରମିକ ଉନ୍ନତି ସଙ୍ଗେ ବିଜ୍ଞାନ ଦ୍ୱାରା ପ୍ରତିଷ୍ଠିତ ଯୁକ୍ତିନିଷ୍ଠ ତଥା ବାସ୍ତବବାଦୀ ତତ୍ତ୍ୱ କଳ୍ପନାପ୍ରସୂତ ଧର୍ମାନ୍ଧତାକୁ ବାଦ୍ ଦିଏ ।



# ସମାଜ ସଂସ୍କାରରେ ବିଜ୍ଞାନ



- *ବିବିଧ ଯନ୍ତ୍ରପାତି ଓ ପ୍ରଯୁକ୍ତି ପ୍ରଣାଳୀର ଆବହ ସଙ୍ଗେ ଦୈବୀ ଦୁର୍ବିପାକର ପ୍ରାକ୍-ସୂଚନା ପ୍ରଦାନ କରିହେଉଛି । ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ଅନେକ ମାତ୍ରାରେ ହ୍ରାସ ମଧ୍ୟ କରି ହେଇଯାଉଛି ।*

- *ବିଜ୍ଞାନ ପ୍ରତିଷ୍ଠିତ ମତବାଦ ଦ୍ୱାରା ଏପରିକି ପୃଥିବୀ, ଗ୍ରହ, ନକ୍ଷତ୍ର, ତାରା ଇତ୍ୟାଦି ମହାଜାଗତିକ ବିଷୟ ପ୍ରତି ଥିବା ଅନ୍ଧବିଶ୍ୱାସକୁ ବିଜ୍ଞାନ ଦୂରୀଭୂତ କରିଛି । କୋପରନିକସ୍, ନିଉଟନ୍ ତଥା ଗାଲିଲିଓ ଏହାର ନିତ୍ୟ-ନୂତନ ଦୃଷ୍ଟାନ୍ତ ।*

ODM EDUCATIONAL GROUP
Changing your Tomorrow

# ଜଗତୀକରଣ ଓ ବିଜ୍ଞାନ

- ବର୍ତ୍ତମାନ ବିଶ୍ୱ ଏକ୍ ଜଗତୀକରଣ ଦେଇ ଗତି କରୁଛି । ଅର୍ଥାତ୍, ଆଧୁନିକ ଜନଜୀବନ୍‌ରେ ଉତ୍ପାଦନ ଓ ଉପାର୍ଜନ ବୃଦ୍ଧି କ୍ଷେତ୍ରରେ ମଧ୍ୟ ବିଜ୍ଞାନର ଯୋଗଦାନ ସର୍ବାଦୌ ଅନସ୍ବୀକାର୍ଯ୍ୟ ।

- ସଦ୍ୟତମ ବିଶ୍ୱରେ ଉଦ୍ଭୂତ ପ୍ରଯୁକ୍ତି ବିଦ୍ୟା ଓ ଯନ୍ତ୍ରବିଜ୍ଞାନ ବଳରେ ଏକାଧିକ ଆବିଷ୍କାର କରିହେଉଥିବା ବେଳେ ବିଭିନ୍ନ ପ୍ରଣାଳୀମାନ ପ୍ରୟୋଗ ହୋଇ ଉତ୍ପାଦନ ହାର ବୃଦ୍ଧି କରିହେଉଛି ।

- ବେତାର ସୁବିଧା, କମ୍ପ୍ୟୁଟରୀକରଣ, ଡିଜିଟାଇଜେସନ ଭଳି ପ୍ରଣାଳୀର ଆବିର୍ଭାବ ଅନାୟାସରେ ଖାଦ୍ୟଠୁ ନେଇ ପାନୀୟ, ସୂଚନା ସମ୍ପ୍ରସାରଣରୁ ନେଇ ଗୃହକାର୍ଯ୍ୟ - ସବୁ ଯେପରି ସ୍ୱତଃ ସାଧିତ ହୋଇପଡିଲାଣି ।

- ଡିଜିଟାଇଜେସନର ଆରମ୍ଭରେ ବର୍ତ୍ତମାନ ବିଶ୍ୱରେ ଯୋଗାଯୋଗ ମାଧ୍ୟମ ସହ ସାମାଜିକ ଗଣମାଧ୍ୟମ ବିଶେଷ ଭାବରେ ସକ୍ରିୟ ହୋଇ ଉଠିଛି, ଯାହା ଫଳରେ ଏବେ ଗୋଟିଏ ଖବର ବିଶ୍ୱର କୋଣ ଅନୁକୋଣରେ ମାତ୍ର, ୧ ସେକେଣ୍ଡ ନେଉଛି ପହଞ୍ଚିବା ପାଇଁ ।


ODM EDUCATIONAL GROUP
Changing your Tomorrow




- ବିଜ୍ଞାନଜନିତ ଚମତ୍କାରିତାର ପ୍ରମୁଖ ଦୃଷ୍ଟାନ୍ତ ହେଉଛି ଇତିହାସ- ଚର୍ଚ୍ଚିତ ଶିଳ୍ପ ବିପ୍ଳବ, ଯେଉଁ ସ୍ୱଳ୍ପ କାଳଖଣ୍ଡରେ ମଧ୍ୟ ଗୋଟିଏ ସଭ୍ୟତାର ପଟ୍ଟ ପରିବର୍ତ୍ତନ ହୋଇ ଯାଇଥିଲା ।
- ଏକ କୃଷିପ୍ରଧାନ ୟୁରୋପୀୟ ଓ ଆମେରିକୀୟ ସଭ୍ୟତାରେ ଯନ୍ତ୍ରପାତି ମାନଙ୍କ ଆବିର୍ଭାବ ହେବା ସହ ଘରୋଇ ଉତ୍ପାଦନ ଅପେକ୍ଷା ଗୋଟିଏ ଛାତ ତଳେ ଏକାଧାରରେ ଉତ୍ପାଦନ ପ୍ରକ୍ରିୟାକୁ ଦୃଢୀଭୂତ କରାଯାଇଛି ।


# ବିଜ୍ଞାନରୁ ସଭ୍ୟତାର ବିବର୍ତ୍ତନ : ଶିଳ୍ପ ବିପ୍ଳବ

- ଏହା ଫଳରେ, ମାତ୍ର ଅଳ୍ପ ସମୟର ବ୍ୟବଧାନ ମଧ୍ୟରେ ଶତ ସହସ୍ର ପ୍ରକାରର ପଣ୍ୟଦ୍ରବ୍ୟ, ପରିଚ୍ଛଦ, ପଦାର୍ଥମାନ ସବୁ ଉତ୍ପାଦିତ ହୋଇ ପାରିଲା ।
- ଉତ୍ପାଦନର ବୃଦ୍ଧି କାରଣରୁ ସଭ୍ୟତାର ବିମ୍ବରେ ପ୍ରତିଫଳିତ ଏହାର ପ୍ରଭାବ । ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ନୂତନ ପ୍ରଯୁକ୍ତି ଦ୍ୱାରା ଲୋକଙ୍କ ଜୀବନଶୈଳୀରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟିଥିଲା ।




ODM
EDUCATIONAL GROUP
Changing your Tomorrow

- ବିଜ୍ଞାନ୍ର ବିଷୟ କହିଲେ କେବଳ ଯେ ବିଶ୍ୱ ଏହି ପରିପାଟୀର ଅନ୍ତର୍ଗତ ନୁହେଁ । ବରଂ, ଊନବିଂଶ ଶତାବ୍ଦୀ ପୂର୍ବରୁ ମଧ୍ୟ ଓଡିଆ ମାଟିରେ ଗଣିତଜ୍ଞ, ବିଜ୍ଞାନୀମାନଙ୍କ ଆବିର୍ଭାବ ହୋଇଥିବାର ଓଡିଆ ଇତିହାସରେ ଲିପିବଦ୍ଧ ।
- ପ୍ରଖ୍ୟାତ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କ ପିତା ଶ୍ରୀଧର ଦାସ୍ ଏକଦା ହରେକୃଷ୍ଣ ମହତାବଙ୍କ ପ୍ରତିଷ୍ଠିତ 'ଝଙ୍କାର' ପତ୍ରିକାର ପ୍ରଥମ ବର୍ଷ , ୮ମ ସଂଖ୍ୟାରେ ଲେଖିଥିଲେ 'ଉତ୍କଳରେ ଗଣିତ ଚର୍ଚ୍ଚା' ଦ୍ୱାରା ଓଡିଆ ମାଟିରେ ଗଣିତଜ୍ଞଙ୍କ ବିଷୟରେ ସମ୍ୟକି ସୂଚନା ପ୍ରଦାନ କରିଛନ୍ତି ।




# ଓଡ଼ିଆ ମାଟି ଓ ବିଜ୍ଞାନ




ବନମାଳୀ ଦାସଙ୍କ ରଚିତ 'ଚାଟ ଇଚ୍ଛାବତୀ' କାବ୍ୟରେ ଗାଣିତିକ ସୂତ୍ର ଓ ସମାଧାନର ମଧ୍ୟ ପରିଚୟ ମିଳେ, ଯାହାକି ଓଡିଆ ସାହିତ୍ୟରେ ଏକ ବିଲକ୍ଷଣ । ତ୍ରିଭୁଜର କ୍ଷେତ୍ରଫଳ, ଚକ୍ରବୃଦ୍ଧି, ଲାଭ କ୍ଷତିର ଗଣନା, ସୁଧକଷା ଇତ୍ୟାଦି ସନ୍ନିବେଶିତ।

ଚଉତିଶା ସମାନ୍ ଲିଖିତ ଏହି କାବ୍ୟରେ ଦୁଇ ନାୟିକାଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ଉତ୍କଳୀୟ ପରମ୍ପରାରେ ଗଣିତଚର୍ଚ୍ଚାକୁ ଅନ୍ୟତମ ସ୍ଥାନ ଦିଏ । ଆଉ ଏହି କାବ୍ୟ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧକୁ ରଚିତ ବୋଲି ଅନୁମାନ କରାଯାଏ।

ODM EDUCATIONAL GROUP
Changing your Tomorrow

# 'ଚାଟ ଇଚ୍ଛାବତୀ' ରୁ ଉଦାହରଣ


"ଠୁଳ ମୂଳ ଅନ୍ତର, ହାତ ହୋଇଛି
ଷୋହଳ, ଘନ କରି ହର ବତିଶେ।
ଠିକେ ଏହି ଲବ୍ଧେ, ବତିଶ ବେନି ପାଦେ
ଠାବେ ଫେଡିଣ ଠାବେ ମିଶାରେ ଠ ଉରଜା,
ଠଣ ସୁନ୍ଦରୀ ତୁହି, ଆଦ୍ୟ ପ୍ରାନ୍ତ ଏ ଦୁଇ,
ଖଣ୍ଡ ପ୍ରକାଶ ହେଲା ଜାଣରେ ଠ ଉରଜା ।"

ସ୍ଥାପନା :- ବାଉଁଶ ଗୋଟିକୁ ଲମ୍ବା ବତିଶ ହାତ, ପବନ ଯୋଗେ ଭାଙ୍ଗି ପଡିଲା । ମୂଳ ଠାରୁ ଅଗ ଛାଡିଲା ଷୋହଳ ହାତି , କେତେ ହାତଠାରୁ ଭାଙ୍ଗିଲା । ଥୋ ଲମ୍ବା ୧୬ ହାତ, ଘନ କରାହୁଏ ୨୫୬, ଏହାକୁ ହର ୩୨ ହାତରେ । ଲବ୍ଧି ପଡିବ ୮ । ଏହାକୁ ରଖ । ଥୁଅ ୩୨ ହାତକୁ ୨ ଠାବ କରି ୩୨̐/୩୨ । ସେ ରଖିଥିବା ୮ରୁ ପଦକେ ମିଶା ପଦକେ ଫେଡି । ହୁଏ ୪୦/୨୪ । ଏହି ପଦକୁ ୨ ରେ ହରି ମୂଳ ଖଣ୍ଡ ୧୨ ହାତ, ଅଗ ଖଣ୍ଡ ୨୦ ହାତ ଜାଣିଲେ। ୧୨ ହାତଠାରୁ ଭାଙ୍ଗିଥିଲା । ଏପରି ଆସିବ।


ଏହାର ଗାଣିତିକ ସମାଧାନ ଏହିପରି ହେବ –

- ମୂଳ ଅଂଶକୁ "x" ଧରିଲେ ଭାଙ୍ଗିପଡିଥିବା ଅଂଶକୁ (32-x) ଧରାଯିବ ।

ସୁତରାଂ , x^2+16^2 = (32-x)^2
=> x^2 + 256 = 1024 + x^2 - 64x
=> 64x = 768 => x = 12







ODM EDUCATIONAL GROUP
Changing your Tomorrow




ସଭ୍ୟତା ଓ ବିଜ୍ଞାନର ବିକାଶ ଦ୍ୱାରା ସମଗ୍ର ବିଶ୍ୱରେ ଯେଉଁ ମାନବୀୟ ଚେତନାର ନବୋନ୍ମେଷ ଘଟିଅଛି, ତାହାର ଦୃଷ୍ଟାନ୍ତ କତିପୟ ଆମେ ଅବଲୋକନ କ୍ରିରିଲେ । ମାନବିକତାର ସମନ୍ୱୟ ସହ ବିଜ୍ଞାନଦୃଷ୍ଟି ସମ୍ବଳିତ ମନୋବୃତ୍ତିର ଘଟନ ହିଁ ପ୍ରକୃତ ବିକାଶ ପ୍ରତି ମାନବକୁ ଉନ୍ମୁଖ କରାଇ ଥାଏ ।

ପରିଶେଷରେ ବିଜ୍ଞାନ ଓ ସଭ୍ୟତା ପରିପ୍ରେକ୍ଷୀରେ ଏକ ପଦ କହିବା :-

"ଯନ୍ତ୍ରବତ ଜୀବନେ ଗଢେ ସଭ୍ୟତାର ଯାନ
ହେ ମୋର ବିଜ୍ଞାନ,
ତୁମ୍ଭଙ୍କୁ ଆଦରେ ଅତୁଳ ସମ୍ଭାରେ
ମାନବ ବେଭାରେ
ରୋଗ ଶୋକ ହୀନ
ଆଜି ଏ ନବୀନ ସୁଷମ ଭୁବନ,
ହେ ମୋର ବିଜ୍ଞାନ।"

ODM EDUCATIONAL GROUP
Changing your Tomorrow

ଲେଖକଙ୍କ ଜୀବନୀ ଓ ସାହିତ୍ୟକୃତି ସମ୍ବନ୍ଧରେ ତଥ୍ୟ ।

ବଂଶୀଧର ସାମନ୍ତରାୟ (୧୯୧୨-୧୯୯୬)

ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ଉଦ୍ଭିଦ ବିଜ୍ଞାନୀ

ଜନ୍ମ – କଟକ ଜିଲ୍ଲାର ପଞ୍ଚାମୁଣ୍ଡାଇ

ODM EDUCATIONAL GROUP
Changing your Tomorrow

## ପ୍ରବନ୍ଧର ଆଭିମୁଖ୍ୟ :

'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧଟି ୧୯୪୨ ସାଲ ଜ୍ୟେଷ୍ଠ ସଂଖ୍ୟା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା । ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ବିଷୟ ଏହି ପ୍ରବନ୍ଧ ମୁଖ୍ୟସ୍ୱର । ବିଜ୍ଞାନ ହିଁ ସଭ୍ୟତା ଅନ୍ୱେଷଣରେ ଯଥାର୍ଥ ପଥପଦର୍ଶକ ସାଜିଥାଏ । ସେହି ବିଜ୍ଞାନକୁ ଅବଲମ୍ବନ କରି ହିଁ ଆଧୁନିକ ମଣିଷ ଉନ୍ନତି ପଥରେ ଅଗ୍ରସର ହୋଇପାରିବ ବୋଲି ଏହି ପ୍ରବନ୍ଧରେ ପ୍ରାବନ୍ଧିକ ମତବ୍ୟକ୍ତ କରିଛନ୍ତି ।

ODM EDUCATIONAL GROUP
Changing your Tomorrow

‘ବିଜ୍ଞାନ ଓ ସଭ୍ୟତା’ – ଏ ସଂପର୍କରେ ଦଳଗତ ଆଲୋଚନା ।

ଦଳଗତ ଆଲୋଚନା ମାଧ୍ୟମରେ ବିଷୟ ପ୍ରବେଶ ।

ସଭ୍ୟତା ଏବଂ ବିଜ୍ଞାନ କିଭଳି ପରସ୍ପର ଆଶ୍ରୟୀ ସେ ସଂପର୍କରେ ଧାରଣା ଦେବା ।

ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

ପ୍ରବନ୍ଧଟିକୁ ଦୁଇଥର ପଠନ ଅଭ୍ୟାସ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow